# ଅଧ୍ୟାୟ 1: ଅବଲୋକନ

## 1.1 ଉପକ୍ରମ

ଏହି ପ୍ରତିବେଦନରେ 2020-21 ଅବଧିରେ ରାଜ୍ୟ ସରକାରୀ ବିଭାଗ ଓ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ସମୀକ୍ଷାରୁ ପ୍ରାପ୍ତ ବିଷୟ ବସ୍ତୁ ଅନ୍ତର୍ଭୁକ୍ତ । ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳକୁ ରାଜ୍ୟ ବିଧାନ ସଭାର ଧ୍ୟାନକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । ଏହି ସମୀକ୍ଷା ଫଳାଫଳଗୁଡିକ କାର୍ଯ୍ୟନିର୍ବାହୀ ମାନଙ୍କୁ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ସହିତ ନୀତି ଓ ନିର୍ଦ୍ଦେଶାବଳୀ ଗଠନ କରିବାରେ ସହାୟକ ହେବା ଆଶା କରାଯାଏ, ଯାହାକି ସଂଗଠନର ଉନ୍ନତ ଆର୍ଥିକ ପରିଚାଳନା ସହିତ ଉତ୍ତମ ଶାସନନୀତି ପ୍ରଚଳନରେ ସହାୟକ ହେବ ।

ଏହି ପ୍ରତିବେଦନ ନିମ୍ନ ବର୍ଣ୍ଣିତ ପାଞ୍ଚଟି ଅଧ୍ୟାୟରେ ସଂଗଠିତ କରାଯାଇଛି:

- **ଅଧ୍ୟାୟ 1** ଅଧୀନରେ ସମୀକ୍ଷା ପରିସରଭୁକ୍ତ ବିଭାଗଗୁଡ଼ିକର ତଥ୍ୟ ସହିତ ବିଗତ ପାଞ୍ଚ ବର୍ଷର ଖର୍ଚ୍ଚର ସଂକ୍ଷିପ୍ତ ବିବରଣୀ, ସମୀକ୍ଷା ପ୍ରାଧିକାର, ସମୀକ୍ଷାର ଯୋଜନା ଓ ସଞ୍ଚାଳନ, ବିବିଧ ସମୀକ୍ଷା ଉତ୍ପାଦ ଯଥା ନୀରିକ୍ଷଣ ରିପୋର୍ଟ, ଅନୁପାଳନ ଅନୁଚ୍ଛେଦ ଇତ୍ୟାଦି ଉପରେ ସରକାରଙ୍କ ପ୍ରତିକ୍ରିୟା ଓ ପ୍ରତିବେଦନ ଉପରେ ଅନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି ।

- **ଅଧ୍ୟାୟ 2** ଅଧୀନରେ ବିଜୁ ସେତୁ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କିତ ବିସ୍ତୃତ ଅନୁପାଳନ ସମୀକ୍ଷା ମନ୍ତବ୍ୟ ଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି ।

- **ଅଧ୍ୟାୟ 3** ଅଧୀନରେ ଓଡ଼ିଶାରେ କର୍ମଜୀବୀ ମହିଳା ହଷ୍ଟେଲ ଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କିତ ବିସ୍ତୃତ ଅନୁପାଳନ ସମୀକ୍ଷା ମନ୍ତବ୍ୟଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି ।

- **ଅଧ୍ୟାୟ 4** ଅଧୀନରେ ଓଡ଼ିଶାରେ ଶିଶୁ ଯତ୍ନ ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କିତ ବିସ୍ତୃତ ଅନୁପାଳନ ସମୀକ୍ଷା ମନ୍ତବ୍ୟଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି ।

- **ଅଧ୍ୟାୟ 5** ଅଧୀନରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ ଦ୍ୱାରା ନିର୍ବାହ କରାଯାଇଥିବା ନିର୍ମାଣ ପ୍ରକଳ୍ପର ବିସ୍ତୃତ ଅନୁପାଳନ ସମୀକ୍ଷା ସମ୍ପର୍କିତ ମନ୍ତବ୍ୟଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି ।

### 1.1.1 ସମୀକ୍ଷା ପରିସରଭୁକ୍ତ ବିଭାଗଗୁଡ଼ିକର ପାର୍ଶ୍ୱଚିତ୍ର ଓ ସମୀକ୍ଷା ପରିସର

ବଜେଟ୍ ପୁସ୍ତିକା ଅନୁଯାୟୀ ଓଡ଼ିଶା ସରକାର ବିଭିନ୍ନ ବିଭାଗ ସମ୍ପର୍କିତ 43 ଟି ଅନୁଦାନର ବ୍ୟବସ୍ଥା କରିଥାନ୍ତି । 24 ଟି ଅନୁଦାନ ଓ 24 ଟି ବିଭାଗ ସମ୍ପର୍କିତ 12,432 ସଂସ୍ଥା ପ୍ରଧାନ ମହାଲେଖାକାର (ଅଡିଟ୍-1), ଓଡ଼ିଶା (ପିଏଜି) କାର୍ଯ୍ୟାଳୟର ସମୀକ୍ଷା ପରିସରଭୁକ୍ତ । ରାଜ୍ୟ ଏକତ୍ରୀକୃତ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରାପ୍ତ କିମ୍ବା କର୍ତ୍ତବ୍ୟ, କ୍ଷମତା ଓ ଚାକିରୀ ସର୍ତ୍ତାବଳୀ (ଡିପିସି) ଅଧିନିୟମ 1971 ର ବିଭିନ୍ନ ଧାରା ଭିତ୍ତିରେ ସରକାରଙ୍କ ଦ୍ୱାରା ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କୁ ସମୀକ୍ଷା ଦାୟିତ୍ୱ ନ୍ୟସ୍ତ କରାଯାଇଥିବା 144 ଟି ସଂସ୍ଥା/ କର୍ତ୍ତୃପକ୍ଷଙ୍କ ସମୀକ୍ଷା ମଧ୍ୟ ଏହି କାର୍ଯ୍ୟାଳୟ ଦ୍ୱାରା ସମ୍ପାଦନ କରାଯାଇଥାଏ । ପ୍ରଧାନ ମହାଲେଖାକାର (ଅଡିଟ୍-1) ଓଡ଼ିଶାଙ୍କ ସମୀକ୍ଷା ପରିସରଭୁକ୍ତ ବିଭାଗ ଓ ସ୍ୱୟଂଶାସିତ ସଂସ୍ଥା/ କର୍ତ୍ତୃପକ୍ଷ/ କମ୍ପାନୀଗୁଡ଼ିକର ତାଲିକା ***ପରିଶିଷ୍ଟ 1.1*** ରେ ଦର୍ଶାଯାଇଛି ।

ପ୍ରଧାନ ମହାଲେଖାକାର (ଅଡିଟ୍-1) ଓଡ଼ିଶାଙ୍କ ସମୀକ୍ଷା ପରିସରଭୁକ୍ତ ଥିବା ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡ଼ିକର 2016-21 ଅବଧିରେ ହୋଇଥିବା ଖର୍ଚ୍ଚର ବିବରଣୀ ***ସାରଣୀ 1.1*** ରେ ଦର୍ଶାଯାଇଛି ।

**ସାରଣୀ 1.1: ପ୍ରମୁଖ ବିଭାଗଗୁଡ଼ିକର ଖର୍ଚ୍ଚର ଧାରା**

*(ଟଙ୍କା କୋଟିରେ)*

| କ୍ର. ସଂ. | ବିଭାଗର ନାମ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|---|
| 1 | ସମବାୟ | 1,646.25 | 887.00 | 1,435.06 | 1,572.39 | 1,690.49 |
| 2 | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | 548.98 | 618.45 | 592.08 | 704.47 | 681.50 |
| 3 | ଅର୍ଥ | 7,213.97 | 10,520.15 | 12,351.26 | 16,438.34 | 16,260.98 |
| 4 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 4,817.09 | 4,928.42 | 5,800.46 | 6,378.67 | 7,923.25 |
| 5 | ଉଚ୍ଚ ଶିକ୍ଷା | 1,973.94 | 1,792.21 | 2,009.55 | 2,069.42 | 2,181.59 |
| 6 | ଜଳସମ୍ପଦ | 7,749.65 | 8,834.70 | 7,495.25 | 6,127.89 | 5,384.69 |
| 7 | ପଞ୍ଚାୟତିରାଜ ଓ ପାନୀୟ ଜଳ | 8,345.96 | 9,302.11 | 15,426.37 | 16,856.22 | 15,595.04 |
| 8 | ଯୋଜନା ଓ ଅଭିସରଣ | 785.32 | 992.12 | 987.37 | 707.84 | 991.76 |
| 9 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 3,291.03 | 1,992.70 | 931.75 | 1,013.64 | 973.95 |
| 10 | ଗ୍ରାମ୍ୟ ଉନ୍ନୟନ | 7,276.61 | 7,392.33 | 7,289.79 | 3,325.78 | 3,880.11 |
| 11 | ବିଦ୍ୟାଳୟ ଓ ଗଣଶିକ୍ଷା | 9,774.15 | 12,058.59 | 14,161.88 | 15,292.46 | 15,123.72 |
| 12 | ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | 2,542.57 | 2,851.83 | 3,220.68 | 2,764.93 | 2,779.80 |
| 13 | ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି | 2,109.05 | 2,266.84 | 3,163.51 | 3,229.68 | 3,398.29 |

***(ଉତ୍ସ: ଓଡ଼ିଶା ସରକାରଙ୍କ 2016-17 ଠାରୁ 2020-21 ପାଇଁ ଖର୍ଚ୍ଚ ଲେଖା)***

## 1.2 ସମୀକ୍ଷା ପାଇଁ ପ୍ରାଧିକାର

ସିଏଜିଙ୍କର ସମୀକ୍ଷା କ୍ଷମତା ଭାରତୀୟ ସମ୍ବିଧାନର ଧାରା 149 ଓ 151 ଏବଂ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ କର୍ତ୍ତବ୍ୟ, କ୍ଷମତା ଓ ଚାକିରୀ ସର୍ତ୍ତାବଳୀ (ଡିପିସି) ଅଧିନିୟମ 1971 ରୁ ଉଦ୍ଭୂତ । ସିଏଜିଙ୍କ ଡିପିସି ଅଧିନିୟମ 1971 ର ଧାରା 13 ଅଧିନରେ ସିଏଜି ଓଡ଼ିଶା ସରକାରଙ୍କ ବିଭାଗ ଗୁଡ଼ିକର ବ୍ୟୟ ସମୀକ୍ଷା କରନ୍ତି । ସିଏଜିଙ୍କ ଡିପିସି ଅଧିନିୟମ ଧାରା 19(2), 19(3) ଓ 20(1) ଅଧିନରେ ସମୀକ୍ଷିତ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ସିଏଜି ଏକମାତ୍ର ସମୀକ୍ଷକ ଅଟନ୍ତି । ଏଥିସହିତ ଡିପିସି ଅଧିନିୟମର ଧାରା 14 ଅନୁଯାୟୀ ସରକାରଙ୍କ ଦ୍ୱାରା ଅଧିକାଂଶ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା ସ୍ୱୟଂଶାସିତ ସଂସ୍ଥା ଗୁଡ଼ିକର ସମୀକ୍ଷା ମଧ୍ୟ ସିଏଜିଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ଭାରତ ସରକାର, ପ୍ରତ୍ୟେକ ରାଜ୍ୟ ସରକାର ଓ ବିଧାନ ସଭା ଥିବା ପ୍ରତ୍ୟେକ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ଆୟ (ଉଭୟ ରାଜସ୍ୱ ଓ ପୁଞ୍ଜି)ର ସମୀକ୍ଷା ପାଇଁ ସିଏଜିଙ୍କ ଡିପିସି ଅଧିନିୟମର ଧାରା 16, ସିଏଜିଙ୍କୁ କ୍ଷମତା ପ୍ରଦାନ କରିଥାଏ । ରେଗୁଲେସନ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍ 2020 ତଥା ଭାରତୀୟ ସମୀକ୍ଷା ଏବଂ ଲେଖା ବିଭାଗ ଦ୍ୱାରା ଜାରି ଅଡିଟ୍ ମାନାଦର୍ଶରେ ବିଭିନ୍ନ ସମୀକ୍ଷା ସମ୍ପର୍କିତ ନୀତି ଏବଂ ପଦ୍ଧତି ବର୍ଣ୍ଣନା କରାଯାଇଛି ।

### 1.2.1 ସମୀକ୍ଷାର ଯୋଜନା ଏବଂ ସଞ୍ଚାଳନ

ବାର୍ଷିକ ସମୀକ୍ଷା ଯୋଜନା (ଏଏପି) ଅନୁଯାୟୀ ଅନୁପାଳନ ସମୀକ୍ଷା ସଞ୍ଚାଳନ କରାଯାଇଥାଏ । ଶୀର୍ଷ ୟୁନିଟ୍, ସମୀକ୍ଷା ୟୁନିଟ୍ ଓ କାର୍ଯ୍ୟକାରୀ ସଂସ୍ଥା ଗୁଡ଼ିକର ଆର୍ଥିକ ଗୁରୁତ୍ୱ, ସାମାଜିକ ପ୍ରାଥମିକତା, ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା, ଅତୀତରେ ଘଟିଥିବା ତୋଷରପାତ, ଅର୍ଥର ଅପବ୍ୟବହାର, ଅର୍ଥ ଆତ୍ମସାତ, ଇତ୍ୟାଦି ସହ

ଜଡ଼ିତ ସମ୍ଭାବ୍ୟ ତ୍ରୁଟିର ଆକଳନ ତଥା ପୂର୍ବ ସମୀକ୍ଷାର ଫଳାଫଳ ଆଧାରରେ ଅନୁପାଳନ ସମୀକ୍ଷା ପାଇଁ ୟୁନିଟ୍ ଚୟନ କରାଯାଇଥାଏ ।

ସମୀକ୍ଷା ସମାପ୍ତି ପରେ ୟୁନିଟର ମୁଖ୍ୟଙ୍କୁ ନିରୀକ୍ଷଣ ରିପୋର୍ଟ ଜାରି କରାଯାଏ । ପ୍ରାପ୍ତ ଉତ୍ତର ଆଧାରରେ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ସମାଧାନ କରାଯାଏ କିମ୍ବା ଅନୁପାଳନ ପାଇଁ ପୁନଶ୍ଚ ଉପଦେଶ ଦିଆଯାଏ । ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ନିମିତ୍ତ ଡ୍ରାଫ୍ଟ ଅନୁଚ୍ଛେଦ ଭାବରେ ପୁନଶ୍ଚ ପ୍ରସ୍ତୁତ କରାଯାଏ । ବିସ୍ତୃତ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକ ଗୁରୁତ୍ୱକୁ ବିଚାରକୁ ନେଇ ପ୍ରସ୍ତୁତ କରାଯାଇଥାଏ ଓ ବିଷୟଗୁଡ଼ିକର ଚୟନ, ଉପର ବର୍ଣ୍ଣିତ ପଦ୍ଧତିରେ କରାଯାଇଥାଏ ।

ଅନୁଚ୍ଛେଦଗୁଡ଼ିକୁ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ସମୟରେ ବିଭାଗ ଗୁଡ଼ିକ ଦ୍ୱାରା ପ୍ରଦତ୍ତ ଔପଚାରିକ ଉତ୍ତରଗୁଡ଼ିକୁ ଯତ୍ନପୂର୍ବକ ବିଚାରକୁ ନିଆଯାଏ । ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ସମୀକ୍ଷା ପ୍ରତିବେଦନ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରାଯାଏ ।

### 1.2.2 ଅଡିଟ୍‌କୁ ଜବାବ ପ୍ରଦାନରେ ସରକାରଙ୍କ ତତ୍ପରତାର ଅଭାବ

***ନିରୀକ୍ଷଣ ରିପୋର୍ଟ ଉପରେ ସରକାରଙ୍କ ପ୍ରତିକ୍ରିୟା***

କାରବାର ସମ୍ପର୍କିତ ଧାର୍ଯ୍ୟ ନିୟମଗୁଡ଼ିକର ଅନୁପାଳନ ଓ ଧାର୍ଯ୍ୟ ନିୟମ ତଥା ପଦ୍ଧତି ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ହିସାବ ସମ୍ପର୍କିତ ତଥା ନଥିଗୁଡ଼ିକର ପ୍ରଚଳନ ବିଷୟକୁ ତଦାରଖ କରିବା ନିମନ୍ତେ ପ୍ରଧାନ ମହାଲେଖାକାର (ଅଡିଟ୍-I) ସରକାରୀ ବିଭାଗଗୁଡ଼ିକର ସମୀକ୍ଷା କରିଥାନ୍ତି । ସମୀକ୍ଷା ସମାପ୍ତ ହେବା ପରେ ନିରୀକ୍ଷଣ ରିପୋର୍ଟ (ଆଇଆର) ଗୁଡ଼ିକ ନିରୀକ୍ଷିତ କାର୍ଯ୍ୟାଳୟର ମୁଖ୍ୟଙ୍କ ନିକଟକୁ ପଠାଇବା ସହିତ ଏହାର ନକଲ ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଥାଏ । ନିରୀକ୍ଷଣ ସମୟରେ ଚିହ୍ନଟ କରାଯାଇଥିବା ଗୁରୁତର ଅନିୟମିତତା ଓ ଅନ୍ୟାନ୍ୟ ତ୍ରୁଟି, ଯାହାର ସମାଧାନ ସେହି ସମୟ ମଧ୍ୟରେ ହୋଇପାରି ନଥାଏ, ସେଗୁଡ଼ିକୁ ନିରୀକ୍ଷଣ ରିପୋର୍ଟରେ ସ୍ଥାନିତ କରାଯାଏ । ପ୍ରଧାନ ମହାଲେଖାକାର (ଅଡିଟ୍-I)ଙ୍କ କାର୍ଯ୍ୟାଳୟ ଗୁରୁତର ଅନିୟମିତତାଗୁଡ଼ିକ ବାବଦରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି ।

ଅଡିଟ୍ ଦ୍ୱାରା ଅବଗତ କରାଯାଇଥିବା ଯେକୌଣସି ଗୁରୁତର ତ୍ରୁଟିର ପ୍ରାଥମିକ ତଦନ୍ତ କରି ମାମଲାର ସତ୍ୟାସତ୍ୟକୁ ସ୍ୱୀକାର କିମ୍ବା ଅସ୍ୱୀକାର କରିବା ବିଷୟକୁ, ଅବଗତ ହେବାର ତିନି ସପ୍ତାହ ମଧ୍ୟରେ ସରକାର ଅଡିଟ୍‌କୁ ଜଣାଇବା ଆବଶ୍ୟକ । ପ୍ରାଥମିକ ରିପୋର୍ଟରେ ମାମଲାରେ ସତ୍ୟତାକୁ ଅସ୍ୱୀକାର ନ କରିବା କ୍ଷେତ୍ରରେ ସରକାର ପ୍ରାଥମିକ ରିପୋର୍ଟର ଦୁଇ ମାସ ମଧ୍ୟରେ ତ୍ରୁଟିର ପୁନରାବୃତ୍ତିକୁ ରୋକିବା ପାଇଁ ନେଇଥିବା ପ୍ରତିକାରାତ୍ମକ ପଦକ୍ଷେପ ଓ ତ୍ରୁଟି ପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟକୁ ସୂଚିତ ପୂର୍ବକ ଏକ ବିସ୍ତୃତ ରିପୋର୍ଟ ଅଡିଟକୁ ପ୍ରଦାନ କରିବା ଆବଶ୍ୟକ ।

ଏତଦ୍‌ବ୍ୟତୀତ, ଧାର୍ଯ୍ୟ ନିୟମ ଓ ପଦ୍ଧତିଗୁଡ଼ିକର ଅନୁପାଳନ ଦିଗରେ ସମୟୋଚିତ ପ୍ରତିକାରାତ୍ମକ ପଦକ୍ଷେପ ଓ ନିରୀକ୍ଷଣ ସମୟରେ ଚିହ୍ନଟ ହୋଇଥିବା ତ୍ରୁଟି, ବିଚ୍ୟୁତି, ଇତ୍ୟାଦି ପାଇଁ ଉତ୍ତରଦାୟୀ ରହିବା ବିଷୟକୁ ସୁନିଶ୍ଚିତ କରିବା ପାଇଁ ମହାଲେଖାକାର ପ୍ରଦତ୍ତ ନିରୀକ୍ଷଣ ରିପୋର୍ଟ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ମଧ୍ୟ ସମୟ ବ୍ୟବଧାନରେ ନିର୍ଦ୍ଦେଶ ଜାରି କରିଥିଲେ ।

ଅମୀମାଂସିତ ନିରୀକ୍ଷଣ ରିପୋର୍ଟ ଅନ୍ତର୍ଗତ ଅମୀମାଂସିତ ସମୀକ୍ଷା ମନ୍ତବ୍ୟ ଗୁଡ଼ିକର ତଥା ସମାଧାନକୁ ସୁଗମ କରିବା ପାଇଁ, ଅମୀମାଂସିତ ନିରୀକ୍ଷଣ ରିପୋର୍ଟର ସ୍ଥିତି ବିଷୟ ଉଲ୍ଲେଖ ଥାଇ ଏକ ଷାଣ୍ମାସିକ ରିପୋର୍ଟ ସଂପୃକ୍ତ ବିଭାଗର ପ୍ରମୁଖ ସଚିବ/ ସଚିବଙ୍କ ନିକଟକୁ ପଠାଯାଇଥାଏ ।

24 ଟି ବିଭାଗ ଅନ୍ତର୍ଗତ 12,432 ଟି କାର୍ଯ୍ୟାଳୟ ବାବଦରେ ମାର୍ଚ୍ଚ 2021 ସୁଦ୍ଧା ପଠାଯାଇଥିବା ନିରୀକ୍ଷଣ ରିପୋର୍ଟ ଦର୍ଶାଉଥିଲା ଯେ 12,265 ନିରୀକ୍ଷଣ ରିପୋର୍ଟ ଅନ୍ତର୍ଗତ 50,769 ଟି ଅନୁଚ୍ଛେଦ ଅମୀମାଂସିତ ଅବସ୍ଥାରେ ରହିଥିଲା । ଅମୀମାଂସିତ ନିରୀକ୍ଷଣ ରିପୋର୍ଟ ଓ ଅନୁଚ୍ଛେଦଗୁଡିକର ବିଭାଗୱାରୀ ଏବଂ ବର୍ଷୱାରୀ ସ୍ଥିତି ***ପରିଶିଷ୍ଟ 1.2*** ରେ ଦର୍ଶାଯାଇଛି ।

ଅମୀମାଂସିତ ନିରୀକ୍ଷଣ ରିପୋର୍ଟରେ ସରକାରୀ ଅର୍ଥର ଚୋରି, ତୋଷରଫ, ଅପବ୍ୟବହାର, ଇତ୍ୟାଦି ରାଜସ୍ୱ ହାନି ଓ ନିଅଣ୍ଟ ଏବଂ ଅନାଦେୟ/ ହିସାବରୁ ବାଦ୍ ଜନିତ କ୍ଷତି ସମ୍ପର୍କିତ 2,091.29 କୋଟି ଟଙ୍କାର 982 ଟି ଅନୁଚ୍ଛେଦ ରହିଛି । ଗୁରୁତ୍ୱପୂର୍ଣ୍ଣ ଅମୀମାଂସିତ ଅନୁଚ୍ଛେଦ ଗୁଡ଼ିକର ବିଭାଗୱାରୀ ଓ ପ୍ରକାର ଭିତ୍ତିକ ବିଶ୍ଳେଷଣ ***ପରିଶିଷ୍ଟ 1.3*** ରେ ଦର୍ଶାଯାଇଛି ।

ଅଡିଟ୍-1 ଅନ୍ତର୍ଗତ 24 ଟି ବିଭାଗ ମଧ୍ୟରୁ ନଅଟି ବିଭାଗ[1] କ୍ଷେତ୍ରରେ ଅମୀମାଂସିତ ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦ ଗୁଡ଼ିକର ଦ୍ରୁତ ସମାଧାନ ନିମନ୍ତେ ସଂପୃକ୍ତ ପ୍ରଶାସନିକ ବିଭାଗ, ଅର୍ଥ ବିଭାଗ ଏବଂ ଅଡିଟ୍ ପ୍ରତିନିଧି ମାନଙ୍କୁ ନେଇ ଗଠିତ ତ୍ରିକୋଣୀୟ କମିଟିର 19 ଟି ବୈଠକ ଅନୁଷ୍ଠିତ ହୋଇଥିଲା । ଅବଶିଷ୍ଟ 15 ଟି ବିଭାଗ[2] ପାଇଁ ତ୍ରିକୋଣୀୟ କମିଟି ବୈଠକ ଅନୁଷ୍ଠିତ ହୋଇନଥିଲା । ଏହି ନଅଟି ବିଭାଗ ପାଇଁ ଅପ୍ରେଲ 2020 ରୁ ମାର୍ଚ୍ଚ 2021 ମଧ୍ୟରେ ଅନୁଷ୍ଠିତ ହୋଇଥିବା ତ୍ରିକୋଣୀୟ ବୈଠକରେ 689 ଟି ଅନୁଚ୍ଛେଦ ଓ 91 ଟି ନିରୀକ୍ଷଣ ରିପୋର୍ଟର ସମାଧାନ ହୋଇଥିଲା ।

ଧାର୍ଯ୍ୟ ସମୟ ସୀମା ମଧ୍ୟରେ (i) ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦଗୁଡ଼ିକର ଜବାବ ଦାଖଲରେ ବିଫଳ ହୋଇଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ (ii) କ୍ଷତି/ ଅଗ୍ରୀମ/ ଅଧିକ ଅର୍ଥ ପ୍ରଦାନ ଇତ୍ୟାଦିର ଭରଣା ଏବଂ (iii) ପ୍ରତ୍ୟେକ ଅଡିଟ୍ କମିଟିର ପ୍ରତି ତିନି ମାସରେ ସର୍ବନିମ୍ନ ଗୋଟିଏ ବୈଠକ ଅନୁଷ୍ଠିତ କରିବା ବିଷୟକୁ ସୁନିଶ୍ଚିତ କରିବା ନିମନ୍ତେ ସରକାରଙ୍କ ଦ୍ୱାରା ଏକ ପଦ୍ଧତି ପ୍ରଚଳନ କରିବା ପାଇଁ ସୁପାରିଶ କରାଗଲା ।

### 1.2.3 ବିସ୍ତୃତ ଅନୁପାଳନ ସମୀକ୍ଷା ଅନୁଚ୍ଛେଦଗୁଡ଼ିକ ଉପରେ ବିଭାଗଗୁଡ଼ିକର ପ୍ରତିକ୍ରିୟା

ରେଗୁଲେସନ୍ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍ 2020 ଅନୁଯାୟୀ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନରେ ସ୍ଥାନିତ ହେବାକୁ ଥିବା ପ୍ରସ୍ତାବିତ ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦଗୁଡ଼ିକ ଉପରେ ପ୍ରସ୍ତାବିତ ସମୟ ମଧ୍ୟରେ ଜବାବ ଦାଖଲ କରାଯିବା ଉଚିତ୍ ।

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଏହାର ଅଗଷ୍ଟ 2021 ଆଦେଶରେ ପ୍ରସ୍ତାବିତ ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦ ଉପରେ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଜାରି କରିଥିଲେ ।

ଡ୍ରାଫ୍ଟ ସମୀକ୍ଷା ସିଦ୍ଧାନ୍ତଗୁଡ଼ିକ ଉପରେ ଧ୍ୟାନ ଆକର୍ଷଣ ସହିତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଜବାବ ଉପସ୍ଥାପନ ପାଇଁ ଅନୁରୋଧ ପୂର୍ବକ ସମୀକ୍ଷା ଅନୁଚ୍ଛେଦଗୁଡ଼ିକୁ ପ୍ରମୁଖ ସଚିବ/ ସଚିବଙ୍କ ନିକଟକୁ ପଠାଯାଇଥାଏ । ଏକଥା ମଧ୍ୟ ସେମାନଙ୍କୁ ବ୍ୟକ୍ତିଗତ ଭାବେ ଜଣାଇ ଦିଆଯାଏ ଯେ ବିଧାନ ସଭାରେ ଉପସ୍ଥାପିତ ହେଉଥିବା ଭାରତର ମହାନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନରେ ଏହି ଅନୁଚ୍ଛେଦଗୁଡ଼ିର ସାମ୍ଭାବ୍ୟ ଅନ୍ତର୍ଭୁକ୍ତ ପରିପ୍ରେକ୍ଷୀରେ ସମୀକ୍ଷା ସିଦ୍ଧାନ୍ତ ଉପରେ ସେମାନେ ଦେଇଥିବା ମନ୍ତବ୍ୟ ସାମିଲ କରାଯିବ ।

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଚାରିଟି ବିସ୍ତୃତ ଅନୁପାଳନ ସମୀକ୍ଷା ଡିସେମ୍ବର 2021 ଓ ଫେବୃଆରୀ 2022 ମଧ୍ୟରେ ସରକାରୀ/ ଅର୍ଦ୍ଧ ସରକାରୀ ପତ୍ର ମାଧ୍ୟମରେ ସଂପୃକ୍ତ ବିଭାଗର ପ୍ରମୁଖ ସଚିବ/ ସଚିବମାନଙ୍କ ନିକଟକୁ ଓ ଅର୍ଥ ବିଭାଗକୁ ପଠାଯାଇଥିଲା । ସମୀକ୍ଷା ପ୍ରତିବେଦନ ସ୍ଥାନିତ ହୋଇଥିବା କୌଣସି ବିସ୍ତୃତ ଅନୁପାଳନ ସମୀକ୍ଷା ଅନୁଚ୍ଛେଦର ଜବାବ ସମ୍ପୃକ୍ତ ବିଭାଗ ଦାଖଲ କରିନଥିଲେ ।

---

[1] ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅବକାରୀ, ପଞ୍ଚାୟତି ରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ଜଳ ସମ୍ପଦ, ବିଦ୍ୟାଳୟ ଓ ଗଣ ଶିକ୍ଷା, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ସମବାୟ ଓ ଖାଦ୍ୟ ଓ ଯୋଗାଣ ଓ ଖାଉଟି କଲ୍ୟାଣ

[2] ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ବୈଦ୍ୟୁତିକ ଓ ସୁଚନା ପ୍ରଯୁକ୍ତି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ଏବଂ ଶସକ୍ତିକରଣ, ମହିଳା ଓ ଶିଶୁ ବିକାଶ, ଅର୍ଥ, ଯୋଜନା ଓ ଅଭିସରଣ, ଉଚ୍ଚ ଶିକ୍ଷା, ଦକ୍ଷତା ବିକାଶ ଓ ବାଷୟିକ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, କୃଷି ଓ କୃଷକ ସଶକ୍ତିକରଣ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ସାଧାରଣ ପ୍ରଶାସନ ଓ ଅଭିଯୋଗ, ସୁଚନା ଓ ଲୋକସଂପର୍କ ଏବଂ ସଂସଦୀୟ ବ୍ୟାପାର

ଯେଉଁ କ୍ଷେତ୍ରରେ ସଂପୃକ୍ତ ନିର୍ଦ୍ଦେଶାଳୟ/ ବିଭାଗଗୁଡ଼ିକର ଜବାବ ତଥା ପ୍ରାଥମିକ ଅଡିଟ୍ ମେମୋଗୁଡ଼ିକର ଜବାବ ପ୍ରାପ୍ତ ହୋଇଥିଲା, ସେଗୁଡ଼ିକ ଉପଯୁକ୍ତ ଭାବରେ ପ୍ରତିବେଦନରେ ସାମିଲ କରାଯାଇଛି ।

### 1.2.4 ସମୀକ୍ଷା ପ୍ରତିବେଦନଗୁଡ଼ିକର ଅନୁବର୍ତ୍ତୀ ପଦକ୍ଷେପ

ଭାରତର ସିଏଜିଙ୍କ ସମୀକ୍ଷା ପ୍ରତିବେଦନ ଗୁଡ଼ିକ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରାଯିବା ପରେ ରାଜ୍ୟ ସରକାରଙ୍କ ବିଭାଗ ଗୁଡ଼ିକ ସମୀକ୍ଷା ମନ୍ତବ୍ୟର ଜବାବ ନିଜ ତରଫରୁ ତିନି ମାସ ମଧ୍ୟରେ ଦାଖଲ କରିବା ଆବଶ୍ୟକ । 2018-19 ପର୍ଯ୍ୟନ୍ତ ସିଏଜିଙ୍କ ସାଧାରଣ ଓ ସାମାଜିକ କ୍ଷେତ୍ର ଏବଂ ସ୍ଥାନୀୟ ନିକାୟ ସମ୍ପର୍କିତ ପ୍ରତିବେଦନରେ ସ୍ଥାନ ପାଇଥିବା ଅନୁଚ୍ଛେଦ ଗୁଡ଼ିକର ପର୍ଯ୍ୟାଲୋଚନାରୁ ଜଣାପଡ଼ିଲା ଯେ ସେପ୍ଟେମ୍ବର 2021 ସୁଦ୍ଧା 11 ଟି ବିଭାଗର 51 ଟି ଅନୁଚ୍ଛେଦ ବିପକ୍ଷରେ ଉତ୍ତର ଦାଖଲ କରାଯାଇ ନଥିଲା ***(ପରିଶିଷ୍ଟ 1.4)*** । 2007-08 ରୁ 2018-19 ଅବଧି ସମ୍ବନ୍ଧୀୟ 588 ଟି ଅନୁଚ୍ଛେଦ ମଧ୍ୟରୁ ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି )/ ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ସ କମିଟି (ସିଓପିୟୁ) ଦ୍ୱାରା 190 ଟି ଅନୁଚ୍ଛେଦ ଆଲୋଚନା ପାଇଁ ଚୟନ କରାଯାଇଥିଲା ।

ପିଏସି ଏବଂ ସିଓପିୟୁ କାର୍ଯ୍ୟ ପଦ୍ଧତି ନିୟମ ଅନୁଯାୟୀ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ପିଏସିଙ୍କ ରିପୋର୍ଟରେ କରାଯାଇଥିବା ସୁପାରିଶ ଗୁଡ଼ିକ ଉପରେ ପ୍ରଶାସନିକ ବିଭାଗ ବିହିତ କାର୍ଯ୍ୟାନୁଷ୍ଠାନ କରିବା ସହିତ ଚାରି ମାସ ମଧ୍ୟରେ ସୁପାରିଶ ଉପରେ ଗ୍ରହଣ କରାଯାଇଥିବା କିମ୍ବା ଗ୍ରହଣ କରିବାକୁ ଥିବା କାର୍ଯ୍ୟାନୁଷ୍ଠାନ ଉପରେ ମନ୍ତବ୍ୟ ରଖିବା ଆବଶ୍ୟକ ।

2018-19 ଓ 2020-21 ମଧ୍ୟରେ ବିଧାନ ସଭାରେ ଉପସ୍ଥାପିତ ପିଏସିଙ୍କର ଚାରିଟି ରିପୋର୍ଟରେ ସ୍ଥାନ ପାଇଥିବା 29 ଟି ଅନୁଚ୍ଛେଦ ଉପରେ ତିନୋଟି ବିଭାଗ ଦ୍ୱାରା ସେପ୍ଟେମ୍ବର 2021 ସୁଦ୍ଧା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ମନ୍ତବ୍ୟ ରଖାଯାଇନଥିଲା । ଏହି ରିପୋର୍ଟ ଗୁଡ଼ିକରେ ଅସୁଲି, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଇତ୍ୟାଦି ବିଷୟରେ ପିଏସି ପରାମର୍ଶ ପ୍ରଦାନ କରିଥିଲେ । କେତେକ ଗୁରୁତ୍ୱପୂର୍ଣ୍ଣ ମାମଲା ***ପରିଶିଷ୍ଟ 1.5*** ରେ ଦର୍ଶାଯାଇଛି ।

## 1.3 ଏହି ପ୍ରତିବେଦନ ଅଧିନସ୍ଥ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟ

ବର୍ତ୍ତମାନର ଏହି ପ୍ରତିବେଦନ ମଧ୍ୟରେ ଚାରିଟି ବିସ୍ତୃତ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ସ୍ଥାନିତ କରାଯାଇଛି । ସେଥିମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟଗୁଡ଼ିକ ନିମ୍ନ ଅନୁଚ୍ଛେଦଗୁଡ଼ିକରେ ସଂକ୍ଷିପ୍ତ ଭାବରେ ଉପସ୍ଥାପନ କରାଯାଇଛି:

### 1.3.1 ବିଜୁ ସେତୁ ଯୋଜନାର କାର୍ଯ୍ୟାନ୍ୱୟନ

ଗ୍ରାମାଞ୍ଚଳରେ ସବୁ ସମୟରେ ଗମନା ଗମନ ବ୍ୟବସ୍ଥା କରିବା ପାଇଁ, ଗ୍ରାମାଞ୍ଚଳ ରାସ୍ତାରେ ନୂତନ ସେତୁ ନିର୍ମାଣ ନିମନ୍ତେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ବିଜୁ ସେତୁ ଯୋଜନା (ବିଏସ୍‌ୱାଇ) ଆରମ୍ଭ କରିଥିଲେ । ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଫଳପ୍ରଦ ଭାବରେ ସଡ଼କ ନେଟ୍‌ୱାର୍କ ବ୍ୟବସ୍ଥିତ କରିବା ନିମନ୍ତେ ବିଛିନ୍ନ ରାସ୍ତା ଗୁଡ଼ିକୁ ଯୋଡ଼ିବା, ବିଏସ୍‌ୱାଇର ମୂଳ ଉଦ୍ଦେଶ୍ୟ । ବିଏସ୍‌ୱାଇର ବିସ୍ତୃତ ଅନୁପାଳନ ସମୀକ୍ଷାରୁ ନିମ୍ନ ବର୍ଣ୍ଣିତ ତ୍ରୁଟିଗୁଡ଼ିକ ଜଣାପଡ଼ିଥିଲା:

- 2017-21 ଅବଧିରେ ବଜେଟ୍ ବ୍ୟବସ୍ଥିତ ରାଶିର ଫଳପ୍ରଦ ବିନିଯୋଗ 76 ଓ 98 ପ୍ରତିଶତ ମଧ୍ୟରେ ରହିଥିଲା । ତଥାପି, ଠିକ୍ ସମୟରେ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ସେତୁ ପ୍ରକଳ୍ପଗୁଡ଼ିକର ନିର୍ମାଣରେ ବିଳମ୍ବକୁ ଏଡ଼ାଇବା, ଠିକ୍ ସମୟରେ ଜମି ସମ୍ପର୍କିତ ମାମଲାଗୁଡ଼ିକୁ ମୀମାଂସା କରିବା, ସଠିକ୍ ସର୍ଭେ କାର୍ଯ୍ୟ ଓ ଅନୁସନ୍ଧାନ ପୂର୍ବକ ନକ୍ସା ଓ ଡିଜାଇନର ବାରମ୍ବାର ସଂଶୋଧନକୁ ଏଡ଼ାଇବା, ଇତ୍ୟାଦି ଦ୍ୱାରା ବ୍ୟୟ ଦକ୍ଷତା ବୃଦ୍ଧି କରିବାର ସୁଯୋଗ ରହିଥିଲା ।

- ରାଜ୍ୟର ବିଛିନ୍ନ ରାସ୍ତା ଗୁଡ଼ିକୁ ଚିହ୍ନଟ କରିବା ଏବଂ ସେଗୁଡ଼ିକୁ ଜନସଂଖ୍ୟା କିମ୍ବା ବନ୍ୟାଞ୍ଚଳ ଭିତ୍ତିରେ ପ୍ରାଥମିକତା ପୂର୍ବକ ବିଏସ୍‌ୱାଇର ଅଂଶ ଭାବରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ମଧ୍ୟରେ ସାମିଲ୍ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କୌଣସି ସର୍ଭେ/ ଅଧ୍ୟୟନ କରାଯାଇଥିବା ବିଷୟକୁ ଦର୍ଶାଇବା ପାଇଁ କୌଣସି ଦଲିଲ୍ ଉପଲବ୍ଧ ନଥିଲା । ଏହା ପରିବର୍ତ୍ତେ, ପ୍ରକଳ୍ପଗୁଡ଼ିକ କୌଣସି ଦୀର୍ଘକାଳୀନ ଯୋଜନା ବିନା ମାନ୍ୟବର ବିଧାୟକ/ ସାଂସଦଙ୍କ ସୁପାରିଶ ଆଧାରରେ ଅନିୟମିତ ଭାବରେ ଚୟନ କରାଯାଇଥିଲା ।
- ସେତୁ କିମ୍ବା ସେତୁକୁ ସଂଯୋଗ କରୁଥିବା ରାସ୍ତା ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ହୋଇ ନପାରିବା ହେତୁ 184.84 କୋଟି ଟଙ୍କା ଖର୍ଚ୍ଚ ପରେ 48 ଟି ସେତୁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିଲା ।
- 82 ଟି ସେତୁ ପ୍ରକଳ୍ପରେ ଯାନ୍ତ୍ରିକ ଖନନ ପରିବର୍ତ୍ତେ ମାନୁଆଲ ପଦ୍ଧତିରେ ଖନନ ବ୍ୟବସ୍ଥାର ଫଳସ୍ୱରୂପ 4.82 କୋଟି ଟଙ୍କାର ଅତ୍ୟଧିକ ଖର୍ଚ୍ଚ ହୋଇଥିଲା ।
- 19 ଟି ସେତୁ ପ୍ରକଳ୍ପ କ୍ଷେତ୍ରରେ ଦୂର ପଥର ଖଣିକୁ ଉତ୍ସ ଭାବରେ ଗ୍ରହଣ କରାଯିବା ଫଳରେ 1.87 କୋଟି ଟଙ୍କାର ଅଯଥା ବ୍ୟୟ ହୋଇଥିଲା ।
- 40 ଟି ସେତୁ ପ୍ରକଳ୍ପରେ, ଖନନ ହୋଇଥିବା ମୃତ୍ତିକାକୁ ବ୍ୟବହାର ନିମନ୍ତେ ବ୍ୟବସ୍ଥା କରାନଯିବା ଫଳରେ 2.15 କୋଟି ଟଙ୍କାର ଅଯଥା ବ୍ୟୟ ହୋଇଥିଲା ।
- ବଲାଙ୍ଗୀର ଜିଲ୍ଲାରେ ତାମିଆ ମୁଦାଲସାର ରାସ୍ତାର ସୁକ୍‌ତେଲ୍ ନଦୀ ଉପରେ ଏକ ଉଚ୍ଚ ସ୍ତରର ସେତୁ ସେପ୍ଟେମ୍ବର 2015 ରେ 7.58 କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ କରାଯାଇଥିଲା । ଡେକ୍‌ରେ ଅତି ନିମ୍ନମାନର କଂକ୍ରିଟ ବ୍ୟବହାର ହେତୁ ସେତୁର ସ୍ପାନ୍-4 ରେ ଫାଟ ସୃଷ୍ଟି ହୋଇଥିଲା ଏବଂ ଭାଙ୍ଗିବା ପାଇଁ ସୁପାରିଶ କରାଯାଇଥିଲା । ଭାଙ୍ଗିବା ସମୟରେ ସେତୁଟି ଭୁଷୁଡ଼ି ପଡ଼ିଥିଲା (ଅପ୍ରେଲ 2020) ଏବଂ ଦୁଇଜଣ ମୃତାହତ ହୋଇଥିଲେ ।
- ଗ୍ରାମୀଣ କାର୍ଯ୍ୟ ଡିଭିଜନର କ୍ଷେତ୍ରୀୟ ଅଧିକାରୀ ଏବଂ ସ୍ୱାଧୀନ ରାଜ୍ୟ ଗୁଣବତ୍ତା ନିରୀକ୍ଷକ (ଏସ୍‌କ୍ୟୁଏମ୍) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ପ୍ରକ୍ରିୟାର ଅଂଶ । ଏସ୍‌କ୍ୟୁଏମ୍ 105 ଟି ସେତୁ ପ୍ରକଳ୍ପ (96.33 ପ୍ରତିଶତ) ଯାଞ୍ଚ କରି ନଥିବା ହେତୁ ମାର୍ଗଦର୍ଶିକାରେ ସେତୁ ପ୍ରକଳ୍ପ ଗୁଡ଼ିକର ଗୁଣବତ୍ତାକୁ ନିଶ୍ଚିତ କରିବା ପାଇଁ ଥିବା ବ୍ୟବସ୍ଥା ବିଫଳ ହୋଇଥିଲା ।

### 1.3.2 ଓଡ଼ିଶାରେ କର୍ମଜୀବୀ ମହିଳା ହଷ୍ଟେଲ ଗୁଡ଼ିକର କାର୍ଯ୍ୟକାରିତା

ସହରାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳ କିମ୍ବା ଗ୍ରାମୀଣ ଅଞ୍ଚଳରେ କର୍ମଜୀବୀ ମହିଳା ମାନଙ୍କ ପାଇଁ ନିରାପଦ ତଥା ସୁବିଧାଜନକ ଆବାସ ସହିତ ସେମାନଙ୍କ ପିଲାମାନଙ୍କ ଦିନ ସମୟରେ ଯତ୍ନ ସୁବିଧାର ଉପଲବ୍ଧତାକୁ ଉନ୍ନତି କରିବା ପାଇଁ ଭାରତ ସରକାର (ଜିଓଆଇ)1972-73 ରେ କର୍ମଜୀବୀ ମହିଳାମାନଙ୍କ ପାଇଁ ହଷ୍ଟେଲ ଯୋଜନା ସହିତ ଯୋଜନା ଅଧିନରେ ମାର୍ଗଦର୍ଶିକା ପ୍ରବର୍ତ୍ତନ କରିଥିଲେ । ଯୋଜନା ଅଧିନରେ, ଭାରତ ସରକାର ନୂତନ କର୍ମଜୀବୀ ମହିଳା ହଷ୍ଟେଲ (ଡବ୍ଲୁଡବ୍ଲୁଏଚ୍) କିମ୍ବା ବିଦ୍ୟମାନ ହଷ୍ଟେଲଗୁଡ଼ିକର ସମ୍ପ୍ରସାରଣ ପାଇଁ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର କାର୍ଯ୍ୟକାରିତାର ବିସ୍ତୃତ ଅନୁପାଳନ ସମୀକ୍ଷାରୁ ନିମ୍ନ ବିଷୟଗୁଡ଼ିକ ଜଣାପଡ଼ିଥିଲା:

- ମାର୍ଚ୍ଚ 2021 ସୁଦ୍ଧା ରାଜ୍ୟରେ 2,622 ଟି ମିଳିତ ଶଯ୍ୟା କ୍ଷମତା ବିଶିଷ୍ଟ 36 ଟି ଡବ୍ଲୁଡବ୍ଲୁଏଚ୍ ବିଦ୍ୟମାନ ଥିଲା । ଏଥିମଧ୍ୟରୁ, 859 (32.76 ପ୍ରତିଶତ) ଶଯ୍ୟା କ୍ଷମତା ବିଶିଷ୍ଟ 12 ଟି ଡବ୍ଲୁଡବ୍ଲୁଏଚ୍ କାର୍ଯ୍ୟକ୍ଷମ ଥିଲା ।
- ଆଠଟି ଡବ୍ଲୁଡବ୍ଲୁଏଚ୍ ନିର୍ମାଣ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଫେବୃଆରୀ 2014 ଓ ନଭେମ୍ବର 2020 ମଧ୍ୟରେ 44.19 କୋଟି ଟଙ୍କା ପ୍ରଦାନ କରିଥିଲେ ଯାହା ମଧ୍ୟରୁ, ନଭେମ୍ବର

2021 ମଧ୍ୟରେ କେବଳ ପାଞ୍ଚଟି ଡବ୍ଲୁଡବ୍ଲୁଏଚ୍ ସମ୍ପୂର୍ଣ୍ଣ ହୋଇଥିଲା । ତେବେ, ସମ୍ପୂର୍ଣ୍ଣ ହୋଇଥିବା କୌଣସିଟି ଡବ୍ଲୁଡବ୍ଲୁଏଚ୍ ନଭେମ୍ବର 2021 ସୁଦ୍ଧା କାର୍ଯ୍ୟକ୍ଷମ ହୋଇନଥିଲା ।

- 2016-21 ଅବଧିରେ ଡବ୍ଲୁଡବ୍ଲୁଏଚ୍‌ରେ ହାରାହାରି ଦଖଲ ହାର ମାତ୍ର 42 ପ୍ରତିଶତ ଥିଲା । ଅଧିକାଂଶ ଡବ୍ଲୁଡବ୍ଲୁଏଚ୍ ଅନେକ ଦିନ ଆଗରୁ (1974 ଓ 2014 ମଧ୍ୟରେ) ନିର୍ମାଣ ହୋଇଥିବା ଏବଂ କୋଠାଗୁଡ଼ିକର ନିୟମିତ ମରାମତି ଓ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଏହି ହଷ୍ଟେଲଗୁଡ଼ିକର ସ୍ୱଳ୍ପ ସଂଖ୍ୟକ ବ୍ୟବହାରକାରୀ ଥିବା ବିଷୟ ନିମ୍ନ ଦଖଲ ହାରର କାରଣ ହୋଇପାରେ । ଅଧିକନ୍ତୁ, ଆଧୁନିକ ସୁବଧା/ ମୌଳିକ ସୁବିଧାର ଅଭାବ ଓ ଏହିସବୁ ସୁବଧା ଥିବା ବିଷୟରେ ମହିଳାମାନଙ୍କୁ ସଚେତନ କରିବା ପାଇଁ ସର୍ବସାଧାରଣରେ ବିଜ୍ଞାପନ କିମ୍ବା ସଚେତନତା ଅଭିଯାନ କରାଯାଇ ନଥିବା ବିଷୟ ନିମ୍ନ ଦଖଲ ହାରର ମଧ୍ୟ କାରଣ ଥିଲା ।
- ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ (ଡିଏସ୍‌ଡବ୍ଲୁଓ) ମାନଙ୍କ ଦ୍ୱାରା ତଦାରଖ ଓ ପର୍ଯ୍ୟବେକ୍ଷଣର ଅଭାବ ବିଷୟ ଅଡିଟ୍ ନଜରକୁ ଆସିଥିଲା ।
- ଡିଏସ୍‌ଡବ୍ଲୁଓମାନେ ଡବ୍ଲୁଡବ୍ଲୁଏଚ୍‌ର ପରିଚାଳନାରେ ଅଂଶଗ୍ରହଣ କରିନଥିଲେ, ଯଦିଓ ସେମାନେ ହଷ୍ଟେଲ ପରିଚାଳନା କମିଟିର ଅନ୍ୟତମ ସଦସ୍ୟ ଥିଲେ ।

### 1.3.3 ଓଡ଼ିଶାରେ ଶିଶୁ ଯତ୍ନ ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟକାରିତା

ଭାରତ ସରକାର ଜୁଭେନାଇଲ୍ ଜଷ୍ଟିସ୍ (ଯତ୍ନ ଓ ସୁରକ୍ଷା) ଅଧିନିୟମ 2000 (ଜେଜେ ଅଧିନିୟମ) ପ୍ରଣୟନ କରିଥିଲେ ଓ 2006 ରେ ସଂଶୋଧନ କରିଥିଲେ, ଯାହା ରାଜ୍ୟ ତଥା ଜିଲ୍ଲା ସ୍ତରରେ ଶିଶୁ ଯତ୍ନ ପ୍ରତିଷ୍ଠାନଗୁଡ଼ିକର ଗଠନ ପାଇଁ ବ୍ୟବସ୍ଥା କରିଥିଲା । ସମନ୍ୱିତ ଶିଶୁ ଯତ୍ନ ଯୋଜନା (ଆଇସିପିଏସ୍) ନାମରେ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା 2009 ରେ ଆରମ୍ଭ କରାଯାଇଥିଲା, ଯାହାର ଲକ୍ଷ୍ୟ ଥିଲା ସରକାର-ସିଭିଲ୍ ସୋସାଇଟି ମାଧ୍ୟମରେ କଠିନ ପରିସ୍ଥିତିର ସମ୍ମୁଖୀନ ହେଉଥିବା ପିଲାଙ୍କ ସହିତ ଅସୁରକ୍ଷିତ ପିଲାମାନଙ୍କ ପାଇଁ ଏକ ସୁରକ୍ଷା ପରିବେଶ ସୃଷ୍ଟିକରିବା । ଓଡ଼ିଶାରେ ଶିଶୁ ଯତ୍ନ ପ୍ରତିଷ୍ଠାନ (ସିସିଆଇ) ଗୁଡ଼ିକର କାର୍ଯ୍ୟକାରିତା ଉପରେ କରାଯାଇଥିବା ବିସ୍ତୃତ ଅନୁପାଳନ ସମୀକ୍ଷାରୁ ନିମ୍ନ ବିଷୟ ଗୁଡିକ ଜଣାପଡ଼ିଥିଲା:

- ଉପଲବ୍ଧ ପାଣ୍ଠିର ବିନିଯୋଗ ହାର କ୍ରମାଗତ ଭାବରେ 2016-17 ରେ 70.47 ପ୍ରତିଶତରୁ 2020-21 ରେ 31.60 ପ୍ରତିଶତକୁ ହ୍ରାସ ପାଇଥିଲା ।
- ଆଠଟି ପରୀକ୍ଷା ଯାଞ୍ଚ ଜିଲ୍ଲା ମଧ୍ୟରୁ ସାତଟି ଦ୍ୱାରା ଅସୁରକ୍ଷିତ ପିଲାମାନଙ୍କର ଚିହ୍ନଟ ଏବଂ ସେମାନଙ୍କର ଅନୁଷ୍ଠାନିକରଣ ପାଇଁ ବେସ୍‌ଲାଇନ୍ ସର୍ଭେ ପରିଚାଳନା କରାଯାଇ ନଥିଲା । ଅଧିକନ୍ତୁ, ସର୍ଭେରେ ଚିହ୍ନଟ ହୋଇଥିବା ଅସୁରକ୍ଷିତ ପିଲାମାନଙ୍କ ମଧ୍ୟରୁ କେବଳ ଦୁଇ ପ୍ରତିଶତ ସିସିଆଇରେ ରଖାଯାଇଥିଲା । କିନ୍ତୁ ଅନୁଷ୍ଠାନିକରଣ ପାଇଁ ପିଲାମାନଙ୍କୁ ଚୟନ କରିବାର ମାନଦଣ୍ଡ ଅଡିଟ୍‌କୁ ଉପଲବ୍ଧ କରାଯାଇ ନଥିଲା ।
- ଭୌତିକ ଭିତ୍ତିଭୂମି ଯଥା- ଡର୍ମିଟୋରି, ଖାଇବା ସ୍ଥାନ, ରୋଷେଇ ଘର, ଖୋଲା ସ୍ଥାନ, ଇତ୍ୟାଦି କ୍ଷେତ୍ରରେ ଅଭାବ ପରିଲକ୍ଷିତ ହୋଇଥିଲା । ସିସିଆଇଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା, ବିଶେଷ କରି ପାରିପାର୍ଶ୍ୱିକ ସୁରକ୍ଷା ପ୍ରାଚୀର ଠିକ୍ ନଥିଲା । ସିସିଆଇଗୁଡିକରୁ ଭଗ୍ନ ପ୍ରାଚୀର ଦେଇ ପିଲାମାନେ ପଳାୟନ କରିଥିବା ବିଷୟ ଅଡିଟ୍ ଲକ୍ଷ୍ୟ କରିଥିଲେ ।
- ଆଠଟି ପରୀକ୍ଷା ଯାଞ୍ଚ ଜିଲ୍ଲାରୁ ସିସିଆଇର 3,181 ପିଲାଙ୍କ (ବାଳକ: 1,695 ଏବଂ ବାଳିକା: 1,486) ମଧ୍ୟରୁ କେବଳ 48 ଜଣ ପିଲା (1.51 ପ୍ରତିଶତ) ପାଳିତ ଯତ୍ନ ପାଇଁ ଚିହ୍ନଟ ହୋଇଥିଲେ ଏବଂ ସେଥି ମଧ୍ୟରୁ କେବଳ 11 ଜଣ (23 ପ୍ରତିଶତ) ବାସ୍ତବରେ ସେହି ଯତ୍ନରେ ଥିଲେ ।

- ଯଦିଓ ରାଜ୍ୟ ସ୍ତରୀୟ ମନିଟରିଂ କମିଟି ଗଠନ କରାଯାଇଥିଲା ତଥାପି ବିଭାଗ ଦ୍ୱାରା ରାଜ୍ୟ ନିର୍ଦ୍ଦିଷ୍ଟ ସୂଚକାଙ୍କ ବିକଶିତ କରାଯାଇ ନଥିଲା, ଯାହା ବିପକ୍ଷରେ ଆଇସିପିଏସ୍ ଯୋଜନାର କାର୍ଯ୍ୟକାରିତାର ମୂଲ୍ୟାଙ୍କନ କରାଯାଇପାରିବ । ଅଧିକନ୍ତୁ, 2016-17 ଠାରୁ 2020-21 ମଧ୍ୟରେ କମିଟି ଦ୍ୱାରା ପରିଚାଳନା କରାଯାଇଥିବା ସମୀକ୍ଷା ବୈଠକ ଏବଂ ମୁଖ୍ୟ ଶାସନ ସଚିବ ସ୍ତରରେ ଆଇସିପିଏସ୍ କାର୍ଯ୍ୟାନ୍ୱୟନର ବାର୍ଷିକ ସମୀକ୍ଷା କରାଯାଇଥିବା ସମ୍ବନ୍ଧରେ କୌଣସି ତଥ୍ୟ ଅଡିଟ୍‌କୁ ଉପଲବ୍ଧ କରାଯାଇ ନଥିଲା ।

### 1.3.4 ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ ଦ୍ୱାରା ନିର୍ମାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା

ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (ଓସିସିଏଲ୍), ଜଳ ସମ୍ପଦ ବିଭାଗର ଶାସନ ନିୟନ୍ତ୍ରଣରେ ଥିବା ରାଜ୍ୟ ସରକାରଙ୍କର ଏକ ପୂର୍ଣ୍ଣମାଲିକାନା ଯୁକ୍ତ କମ୍ପାନୀ । ଡ୍ୟାମ୍ ସ୍ପିଲ୍‌ୱେଜ୍, ହାଇଡ୍ରଲିକ୍ ଗେଟ୍, ବ୍ୟାରେଜ୍, ଜଳ ଭଣ୍ଡାର କେନାଲ ଇତ୍ୟାଦିର ନିର୍ମାଣ ଓ ବିକାଶ, କମ୍ପାନୀର ମୂଳ ଲକ୍ଷ୍ୟ । କମ୍ପାନୀକୁ ଦିଆଯାଇଥିବା ନିର୍ମାଣ କାର୍ଯ୍ୟ କିମ୍ବା ଜଳ ସମ୍ପଦ ବିଭାଗ ସହିତ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ ମାଧ୍ୟମରେ ପାଇଥିବା ନିର୍ମାଣ କାର୍ଯ୍ୟ ଗୁଡ଼ିକର ନିର୍ବାହ ଓସିସିଏଲ୍ କରିଥାଏ ।

କମ୍ପାନୀ ଦ୍ୱାରା ନିର୍ମାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଉପରେ କରାଯାଇଥିବା ବିସ୍ତୃତ ଅନୁପାଳନ ସମୀକ୍ଷାରୁ ନିମ୍ନ ବିଷୟଗୁଡ଼ିକ ଜଣାପଡ଼ିଥିଲା:

- ଡିଓଡବ୍ଲୁଆର୍ ନିକଟରେ ଉପସ୍ଥାପନ କରିବା ପାଇଁ ଓସିସିଏଲ୍ କୌଣସି ତ୍ରୟୋବାର୍ଷିକ କର୍ପୋରେଟ୍ ଯୋଜନା କିମ୍ବା ବାର୍ଷିକ ଯୋଜନା ପ୍ରସ୍ତୁତ କରିନଥିଲା । ଏହି ଯୋଜନା ଗୁଡ଼ିକର ଅନୁପସ୍ଥିତିରେ, କମ୍ପାନୀ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ କରିବା ସହିତ ପ୍ରଶାସନିକ ବିଭାଗ ଦ୍ୱାରା ପ୍ରତିଷ୍ଠା ସମୟରେ ଦିଆଯାଇଥିବା କର୍ତ୍ତବ୍ୟ ପାଳନ ନିମନ୍ତେ କୌଣସି ସ୍ୱଷ୍ଟ ଦଲିଲ୍‌ଯୁକ୍ତ ରଣନୀତି ପ୍ରସ୍ତୁତ କରିନଥିବାର ଆଶଙ୍କା ଉପୁଜିଥିଲା ।

- ବିଗତ ପାଞ୍ଚ ବର୍ଷ ଯଥା 2016-21 ମଧ୍ୟରୁ, ଓସିସିଏଲ୍ ତିନି ବର୍ଷରେ ଅର୍ଥାତ୍ 2017-18, 2018-19 ଓ 2020-21 ରେ କାରବାର ଲକ୍ଷ୍ୟ ହାସଲ କରିନଥିଲା । ପ୍ରକୃତ କାରବାର 2016-17 ରେ 874 କୋଟି ଟଙ୍କାରୁ 2020-21 ରେ 422 କୋଟି ଟଙ୍କାକୁ 52 ପ୍ରତିଶତ ହ୍ରାସ ହୋଇଥିଲା ।

- ପ୍ରକଳ୍ପଗୁଡ଼ିକର ଆକଳନ ମୂଲ୍ୟ ସରକାର ଅନୁମୋଦିତ ଦର ଅନୁଯାୟୀ ପ୍ରସ୍ତୁତ କରାଯାଇନଥିଲା । ଡ୍ରେଜର ଓ ପାଇପ୍ ଲାଇନ୍ ଗୁଡ଼ିକର ବର୍ଦ୍ଧିତ ମୂଲ୍ୟ ହେତୁ ମହାନଦୀ ବ୍ୟାରେଜର ଉପର ମୁଣ୍ଡରେ ସୋଆଲ୍ ଅପସାରଣ କାର୍ଯ୍ୟ ପ୍ରକଳ୍ପରେ ଠିକାଦାରଙ୍କୁ 7.72 କୋଟି ଟଙ୍କାର ଅନୁଚିତ ଅନୁଗ୍ରହ ପ୍ରଦାନ କରାଯାଇଥିଲା ।

- ଛଅଟି ପରୀକ୍ଷା ଯାଞ୍ଚ ପ୍ରକଳ୍ପରେ ମୃତ୍ତିକା ସଙ୍କୋଚନ ପାଇଁ ଯନ୍ତ୍ରପାତି ବାବଦରେ ଅଧିକ ଭଡା ଗ୍ରହଣ କରିବା ହେତୁ କମ୍ପାନୀ 4.47 କୋଟି ଟଙ୍କା ଅଯଥା ବ୍ୟୟ କରିଥିଲେ ।

- ଦୁଇଟି ପ୍ରକଳ୍ପରେ, କାର୍ଯ୍ୟକ୍ଷେତ୍ରରୁ ଦିଆଯାଇଥିବା ପଥର ବାବଦରେ ଅନିୟମିତ ଭାବରେ ପରିବହନ ଦେୟ ହେତୁ କାର୍ଯ୍ୟ ସମ୍ପାଦନକାରୀଙ୍କୁ 5.61 କୋଟି ଟଙ୍କାର ଅନୁଚିତ୍ ଅନୁଗ୍ରହ ପ୍ରଦାନ କରାଯାଇଥିଲା ।

- 138 ଟି କାର୍ଯ୍ୟ ପାଇଁ ଯୋଗାଣକାରୀଙ୍କୁ ପ୍ରଦାନ କରାଯାଇଥିବା 3.66 କୋଟି ଟଙ୍କାର ଅଗ୍ରୀମ, 12 ମାସରୁ ଅଧିକ ସମୟ ପର୍ଯ୍ୟନ୍ତ ବାକି ରହିଥିଲା । ଅଧିକନ୍ତୁ, ସାତଟି ଅଚଳ ପ୍ରକଳ୍ପ ପାଇଁ ପ୍ରଦାନ କରାଯାଇଥିବା 1.10 କୋଟି ଟଙ୍କାର ଅଗ୍ରୀମ ରାଶିର ପୁନରୁଦ୍ଧାର ସମ୍ଭାବନା କ୍ଷୀଣ ଥିଲା ।

- 446 କର୍ମଚାରୀ/ ଅଧିକାରୀ (ଉଭୟ ଡେପୁଟେସନ୍ ଓ ନିଜସ୍ୱ କର୍ମଚାରୀ) ଙ୍କ ବିପକ୍ଷରେ ଥିବା 3.53 କୋଟି ଟଙ୍କାର ଅଗ୍ରୀମ ମାର୍ଚ୍ଚ 2021 ସୁଦ୍ଧା ବାକି ରହିଥିଲା । ଏଥି ମଧ୍ୟରୁ ମୃତ୍ୟୁ ବରଣ କରିଥିବା, ଚାକିରୀ ଛାଡ଼ି ଥିବା, ଅବସର ଗ୍ରହଣ କରିଥିବା ଇତ୍ୟାଦି 333 କର୍ମଚାରୀ/ ଅଧିକାରୀଙ୍କ ଉପରେ 3.34 କୋଟି ଟଙ୍କାର ଅଗ୍ରୀମ ବାକି ରହିଥିଲା ।